# ତହସିଲଦାରଙ୍କ ଅଦାଲତ, କେନ୍ଦୁଝର

ଗ୍ରାମ୍ୟ ଲିଜ କେସ -୧୧/୨୦୨୨

## ଇସ୍ତାହାର

ଏତଦ୍ଵାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନିମ୍ନ ତଫସିଲ ଭୁକ୍ତ ସରକାରୀ ଜମିକୁ IDCO, Bhubaneswar, ଶିଳ୍ପ ଓ ସମ ବର୍ଗୀ ପ୍ରକଳ୍ପ ପାଇଁ ଲିଜ ସୂତ୍ର ରେ ପ୍ରଦାନ କରାଯିବା ପାଇଁ ଆବେଦନ କରିଛନ୍ତି । ଉକ୍ତ ଜମିର କିସମ-ପତିତ ଥାଇ ଏହା ଆବାଦ ଯୋଗ୍ୟ ଅନାବାଦି ଖାତାରେ ଅଛି । ଏଣୁ ଆବେଦନ କରିଥିବା ଜମିର ସୁବିନିଯୋଗ ନିମନ୍ତେ ନିମ୍ନ ପ୍ରଦତ୍ତଜମିକୁ IDCO, Bhubaneswar, ଶିଳ୍ପ ଓ ସମ ବର୍ଗୀ ପ୍ରକଳ୍ପ ନିମନ୍ତେ ଦେବା ଅପରିହାର୍ଯ୍ୟ ହୋଇ ପଡିଛି । ତେଣୁ ଏହି ଜମିକୁ IDCO, Bhubaneswar କୁ ଦିଆଗଲେ,, ଏଥିରେ ଯଦି କୌଣସି ବ୍ୟକ୍ତି ବିଶେଷ/ସଂପୃକ୍ତ ଗ୍ରାମବାସୀ/ସଂପୃକ୍ତ ଗ୍ରାମ ପଞ୍ଚାୟତ/ ପୌରପାଳିକାଙ୍କର କୌଣସି ଆପତ୍ତି ଅଭିଯୋଗ ଥାଏ, ତା ହେଲେ ସେ/ସେମାନେ ଏହି ଇସ୍ତାହାର ପ୍ରକାଶନର **୧୫ ଦିନ** ମଧ୍ୟରେ ସେମାନଙ୍କର ଆପତ୍ତି ଅଭିଯୋଗ ଲିଖିତ ଆକାରରେ ଟ.୨୦.୦୦ଙ୍କା (କୋଡିଏ ଟଙ୍କା)ର କୋର୍ଟ ଫି ସଂଲଗ୍ନ କରି ନିମ୍ନ ସ୍ଵାକ୍ଷରକାରୀଙ୍କୁ ଦରଖାସ୍ତ କରିପାରିବେ ଏବଂ ତାହା ବିଚାର ପାଇଁ ଗ୍ରହଣ ଯୋଗ୍ୟ ହେବ । ନିର୍ଦ୍ଧାରିତ ସମୟ ପରେ କୌଣି ଆପତ୍ତି ଦରଖାସ୍ତ ବିଚାର ପାଇଁ ଯୋଗ୍ୟ ବିବେଚିତ ହେବନାହିଁ।

ତଫସିଲ

ମୌଜା: ସଲରାପେଣ୍ଡ

| ଖାତା ନଂ | ପ୍ଲଟ ନଂ | କିସମ | ମୋଟ ରକବା (ଏକରରେ | ଲିଜ୍ ପାଇଁ ଆବଶ୍ୟକ ରକବା (ଏକରରେ) |
|---|---|---|---|---|
| ୫୬ (ଆ.ଯୋ.ଅ.) | ୧୩୮ | ପତିତ | ୦.୧୨୦ | ୦.୧୨୦ |
| ମୋଟ | ୧ ଟି ପ୍ଲଟ | | | ୦.୧୨୦ |

ତହସିଲଦାର, କେନ୍ଦୁଝର
KEONJHAR

ଏହାର ଏକକିତା ନକଲ ସଂପୃକ୍ତ ଗ୍ରାମରେ ଡାକ ବାଜି ଜନ୍ତ ଦ୍ଵାରା ପ୍ରଚାର ପ୍ରସାର/ପାଇଁ ପ୍ରେରିତ କରାଗଲା / ଅନ୍ୟ ଏକକିତା ନକଲ District Website: https://kendujhar.odisha.gov.in ରେ ପ୍ରକାଶନ ପାଇଁ /ଅନ୍ୟ ଏକକିତା ନକଲ ସଂପୃକ୍ତ ଗ୍ରାମ ପଞ୍ଚାୟତଙ୍କ କାର୍ଯ୍ୟାଳୟର ନୋଟିସ୍ ବୋର୍ଡରେ ଏବଂ ଅନ୍ୟ ଏକକିତା ନକଲ ତହସିଲ କାର୍ଯ୍ୟାଳୟ, କେନ୍ଦୁଝରଙ୍କ ନୋଟିସ୍ ବୋର୍ଡରେ ପ୍ରକାଶନ ପାଇଁ ପ୍ରେରିତ ହେଲା

ତହସିଲଦାର, କେନ୍ଦୁଝର
TAHASILDAR
KEONJHAR

Scanned with OKEN Scanner